## ଭୁଶୁଡ଼ିଲା ଘର, ପଲିଥିନ ତଳେ ପରିବାର

କୁଆମରା,(ଡି.ଏନ.ଏ)- ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତର ସିମିଳାବନ୍ଧ ଗ୍ରାମରେ ଘର ଭୁଶୁଡ଼ି ଗୋଟିଏ ପରିବାର ବେସାହାରା ହୋଇ ପଡ଼ିଛନ୍ତି। ସ୍ତ୍ରୀ ଓ ଦୁଇ ପିଲାଙ୍କୁ ନେଇ ପଲିଥିନ ତଳେ ଆଶ୍ରୟ ନେଇଛନ୍ତି ପଦ୍ମନ ମହାକୁଡ଼। ସେ ଜଣେ ଗରିବ ଓ ଶ୍ରମିକ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ବନ୍ୟା ପ୍ରଭାବିତ ଅଞ୍ଚଳରେ ବଣ୍ଟାଗଲା ଗୋଖାଦ୍ୟ

ଧାମନଗର,୨୪।୮(ସ୍ୱ.ପ୍ର.)

ଭଦ୍ରକ ଜିଲା ଧାମନଗର ବ୍ଲକ ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗୋଖାଦ୍ୟ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତ ୨୬ ପଞ୍ଚାୟତର ପ୍ରାଣୀଧନଙ୍କ ଆକଳନ କରାଯାଇ ଗୋଖାଦ୍ୟ ଦିଆଯାଉଛି। ବ୍ଲକ ଅତିରିକ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଯୋଗମାୟା ସିଂଙ୍କ ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଗତ ୧୯ ତାରିଖରେ ୫୭ଟନ୍ ଓ ଦ୍ୱିତୀୟ ପର୍ଯ୍ୟାୟରେ ବୁଧବାର ପୁଣି ୫୭ ଟନ୍ ଗୋଖାଦ୍ୟ ବଣ୍ଟନ ପାଇଁ ବ୍ଲକକୁ ଆସିଛି। ପ୍ରତି ପଞ୍ଚାୟତର ସରପଞ୍ଚ, ପିଇଓ ଏବଂ ନୋଡାଲ ଅଫିସରଙ୍କୁ ବଣ୍ଟନ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ବଡ଼ ପ୍ରାଣୀଙ୍କୁ ପ୍ରତିଦିନ ୧ କେଜି ଏବଂ ଛୋଟ ପ୍ରାଣୀଙ୍କ ଲାଗି ୨୫୦ ଗ୍ରାମ୍ ଲେଖାଏ ମୋଟ ତିନିଦିନ ପାଇଁ ଯୋଗାଇ ଦିଆଯାଉଛି।

# ଜଳକା, ସୁବର୍ଣ୍ଣରେଖା ବନ୍ୟା ଉଜାଡ଼ିଲା ଚାଷ

### ୩ ହଜାର ହେକ୍ଟର ଚାଷଜମି ଜଳମଗ୍ନ

ରୂପସା, ୨୪।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକରେ ବନ୍ୟା ଆଣିଛି ଚାଷୀଙ୍କ ପାଇଁ ଘୋର ଦୁର୍ଦ୍ଦଶା। ଜଳକା ଓ ସୁବର୍ଣ୍ଣରେଖା ନଦୀରେ ପ୍ରବଳ ବନ୍ୟା ଯୋଗୁ ଏବର୍ଷ ଖରିଫ ଧାନ ଚାଷ ପ୍ରଭାବିତ ହୋଇଛି। ବୁଧବାର ସୁଦ୍ଧା ୧୮ ପଞ୍ଚାୟତର ୩ହଜାରରୁ ଊର୍ଦ୍ଧ୍ୱ ଚାଷଜମି ବୁଡ଼ି ରହିଥିବାରୁ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଅପରପକ୍ଷରେ କୃଷିବିଭାଗ ପକ୍ଷରୁ ବନ୍ୟା ବେଳେ କ୍ଷେତ୍ର ପରିଦର୍ଶନ କରାଯାଇଥିଲେ ହେଁ ବ୍ଲକ କୃଷି ଅଧିକାରୀଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ ଦେଖାଦେଇଛି।

ବ୍ଲକ ଅଧୀନ ୩୧ ପଞ୍ଚାୟତରେ ରହିଛି ୨୯୫ ଗାଁ। ମୋଟ ୨୦ହଜାର ୧୬୯ ହେକ୍ଟର ଚାଷ ଜମିରୁ ଚଳିତବର୍ଷ ୧୮ହଜାର ୮୪୦ହେକ୍ଟରରେ ଖରିଫ ଧାନ ଓ ୧୩୨୯ ହେକ୍ଟରରେ ପନିପରିବା ସମେତ ଅଣଧାନ ଚାଷ ହୋଇଥିଲା। ଜଳକାରେ ବନ୍ୟା ଯୋଗୁ ଗଡ଼ପଦା, ରାଉତପଡା, ମଥାନୀ, ଦୁଧହଂସା, ବାସୁଚକୁରାଇ, ବାହାର୍ଦ୍ଦା, କୁଡ଼ିଆ ଦରଡ଼ା, ମୁକୁଲିସି, ଇଡ଼ଦା ଏବଂ ସୁବର୍ଣ୍ଣରେଖାରେ ବନ୍ୟା ଯୋଗୁ ସନ୍ତୋଷପୁର, ଭେଲୋରା, କରୁଆ, ପାଉଁଶକୁଲି, ରଘୁନାଥପୁର, କାଦରାମ୍ୟା, ଚୁରମରା ଓ ପୁଟୁରା ଆଦି ପଞ୍ଚାୟତର ୬ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଚାଷ ଜମି ୩ ଦିନ ଧରି ଜଳମଗ୍ନ ଥିଲା। ଜଳସ୍ତର ହ୍ରାସ ପାଇଥିଲେ ହେଁ ଏଯାବତ ୩ ହଜାରରୁ ଊର୍ଦ୍ଧ୍ୱ ଜମିରେ ବନ୍ୟା ଜଳ ରହି ଧାନଗଛ ସବୁ ପଚିଗଲାଣି। ଗତ ୨୦ ତାରିଖରେ ଜିଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତ, ତହସିଲଦାର କାର୍ତ୍ତିକ କୁମାର ଦାସ, ନୋଡାଲ ଅଫିସର ରବୀନ୍ଦ୍ର କୁମାର ମଲ୍ଲିକ, ସହକାରୀ କୃଷି ଅଧିକାରୀ ଯଜ୍ଞଦତ୍ତ ସେଠୀ ଏବଂ ୨୧ ତାରିଖରେ କୃଷି ଜିଲା ଅଧିକାରୀ ଚନ୍ଦ୍ରମୋହନ ପାତ୍ର ବନ୍ୟା କ୍ଷତିଗ୍ରସ୍ତ ଚାଷଜମି ପରିଦର୍ଶନ କରିଥିଲେ। ହେଲେ ବ୍ଲକ କୃଷି ଅଧିକାରୀ ନାୟକଙ୍କ ଅନୁପସ୍ଥିତି ଯୋଗୁ ବ୍ଲକ ପ୍ରଶାସନ, ରାଜନେତା ଓ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା। ଜିଲାପାଳ ଓ ବିଭାଗ ପକ୍ଷରୁ ଚାଷ କ୍ଷୟକ୍ଷତି ଆକଳନ ତଥା ସ୍ପେଶାଲ ସର୍ଭେ ପାଇଁ କର୍ମଚାରୀ ନିଯୁକ୍ତି ହେଉଥିବା ବେଳେ ବସ୍ତା ବ୍ଲକରେ ଠିକ ସର୍ଭେ ସହ କ୍ଷୟକ୍ଷତି ଆକଳନରେ ସ୍ୱଚ୍ଛତା ରହିବ କି ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବ୍ଲକରେ ଆବଶ୍ୟକଠାରୁ ଅଳ୍ପ ସଂଖ୍ୟକ ଗ୍ରାମ କୃଷି କର୍ମଚାରୀ ଅଛନ୍ତି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ହରିହର ନାୟକଙ୍କୁ ପଚରାଯିବାରୁ ତାଙ୍କର ପଦୋନ୍ନତି ସହ ବଦଳି ଆଦେଶ ହୋଇଥିବା କହିଛନ୍ତି। ଦିନେ ଦୁଇ ଦିନ ଭିତରେ ସେ ସହକାରୀ କୃଷି ଅଧିକାରୀଙ୍କୁ କାର୍ଯ୍ୟଭାର ଅର୍ପଣ କରିବେ। ବନ୍ୟା କ୍ଷୟକ୍ଷତି ସର୍ଭେ ପାଇଁ ଏକ ଟିମ୍ ଗଠନ ହୋଇଥିବା ସେ କହିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ରାଉତଙ୍କୁ ବ୍ଲକ କୃଷି ଅଧିକାରୀଙ୍କ ଅନୁପସ୍ଥିତି ସମ୍ପର୍କରେ ପଚରାଯିବାରୁ ସେ ବୁଝାଶୁଝା କରିବେ ବୋଲି କହିଥିଲେ।


ଜିଲା ମୁଖ୍ୟ କୃଷି ଅଧିକାରୀ ଓ ତହସିଲଦାର କ୍ଷେତ୍ର ପରିଦର୍ଶନ କରୁଛନ୍ତି।

## ଜିଲାପାଳଙ୍କ ସହ ଆଲୋଚନା କଲେ ଏମ୍ପି

### ଦୁର୍ଦ୍ଦଶାରେ ବନ୍ୟା ବିପନ୍ନ

ବାଲେଶ୍ୱର ଅଫିସ, ୨୪।୮

ଲଘୁଚାପ ଜନିତ ବର୍ଷା ଯୋଗୁ ଉତ୍ତର ବାଲେଶ୍ୱରରେ ବନ୍ୟାପାଣି ମାଡ଼ିଥିବା ଅଞ୍ଚଳ ଏମ୍ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମଙ୍ଗଳବାର ଗସ୍ତ କରିବା ପରେ ବନ୍ୟା ପ୍ରପୀଡ଼ିତଙ୍କ ସମସ୍ୟା ନେଇ ବୁଧବାର ବାଲେଶ୍ୱର ଜିଲା ଭାଜପା ପ୍ରତିନିଧି ମଣ୍ଡଳୀଙ୍କ ସହ ଯାଇ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ଭେଟି ଆଲୋଚନା କରିଛନ୍ତି। ଲୋକଙ୍କୁ କିପରି ସୁଷମ ଭାବେ ରନ୍ଧାଖାଦ୍ୟ , ଶୁଖିଲା ଖାଦ୍ୟ, ପଲିଥିନ, ଔଷଧ, ପିଇବା ପାଣି,ଗୋଖାଦ୍ୟ ସୁଚାରୁ ରୂପେ ବଣ୍ଟନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଯେଉଁମାନଙ୍କ ଘର ବନ୍ୟା ପାଣିରେ ଭାଙ୍ଗିଯାଇଛି, ଚାଷଜମି କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ଚିହ୍ନଟ କରିବା ସହ ବେଆଇନ ଭାବେ ସରକାରୀ ଜାଗା ଜବରଦଖଲକାରୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲାପାଳଙ୍କୁ କହିଥିଲେ। ଜିଲାପାଳ ତୁରନ୍ତ ଏସବୁର ସମାଧାନ କରିବେ ବୋଲି କହିଥିଲେ। ଏହି ପ୍ରତିନିଧି ମଣ୍ଡଳରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ଶୁଭଙ୍କର ମହାପାତ୍ର ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ ବୋଲି ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଜଣାଇଛନ୍ତି।


ଜିଲାପାଳଙ୍କ ସହ ଏମ୍ପି ପ୍ରତାପ ଷଡଙ୍ଗୀ ଓ ଭାଜପା କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

# ବନ୍ୟା ବୁଡ଼ାଇଦେଲା ଜୀବିକା

ଭଦ୍ରକ ଅଫିସ, ୨୪।୮

ଚଳିତ ବନ୍ୟାରେ ଭଦ୍ରକ ଜିଲା ଧାମନଗର ବ୍ଲକର ୨୬ ପଞ୍ଚାୟତରେ ୬୨୦୨ ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିବା ସରକାରୀ ସ୍ତରରେ ଆକଳନ କରାଯାଇଛି। ବ୍ଲକର ତଳିଆ ଅଞ୍ଚଳ ଧୂଷୁରୀ, ପାଳସାହି, ରଇପୁର ଓ ସାହସପୁର ପଞ୍ଚାୟତର ଚାଷଜମିଗୁଡ଼ିକ ବୈତରଣୀ ନଦୀର ଗୌରଙ୍ଗପୁର ଏସ୍କେପ୍ ଦ୍ୱାରା ଆସୁଥିବା ବନ୍ୟାଜଳ ଯୋଗୁ ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ପ୍ରତିବର୍ଷ ଏସ୍କେପ୍ ମରାମତି ପାଇଁ ସରକାରୀ ପାଣ୍ଠିରୁ କୋଟି କୋଟି ଟଙ୍କା ଆସୁଥିବା ବେଳେ ତ୍ରୁଟିପୂର୍ଣ୍ଣ ତଥା ନିମ୍ନମାନର କାର୍ଯ୍ୟ ଯୋଗୁ ଏହା ଚଳିତବର୍ଷ ଭୁଶୁଡ଼ି ପଡ଼ିଛି। ୮ ମାସ ତଳେ ୭୫ ଲକ୍ଷ ଟଙ୍କା ବ୍ୟୟରେ ମରାମତି କରାଯାଇଥିବା ବେଳେ ଚଳିତ ବନ୍ୟାରେ ଏସ୍କେପ୍ ଭାଙ୍ଗିଯାଇଛି। ଚାଷୀ, ଭାଗଚାଷୀ ଋଣ କରି ଚାଷ କରିଥିଲେ। ପ୍ରଥମେ ବିଳମ୍ବିତ ବର୍ଷା ଓ ପରେ ଦୁଇ ଦୁଇଥର ବନ୍ୟା ସେମାନଙ୍କ ଜୀବିକା ବୁଡ଼ାଇ ଦେଇଛି।

ପ୍ରଥମ ବନ୍ୟାପାଣି କମି ନ ଥିବା ବେଳେ ଦ୍ୱିତୀୟ ବନ୍ୟା ହେବା ଦ୍ୱାରା ପ୍ରାୟ ୮ ଦିନ ଧରି ୪ ପଞ୍ଚାୟତ ଜଳବନ୍ଦୀ ହୋଇ ରହିଛି। ତେବେ ବ୍ଲକର ଉପର ଅଞ୍ଚଳରେ ବନ୍ୟାଜଳ କମିଥିବା ବେଳେ ତଳିଆ ଅଞ୍ଚଳରେ ଦୁର୍ଦ୍ଦଶା ବଢ଼ିଛି। ବନ୍ୟା ଯୋଗୁ ଚାଷଜମିରେ ପଟୁ ମାଡ଼ି ଯିବାରୁ ଖରିଫ ଧାନ ଚାଷ ପାଇଁ ପ୍ରସ୍ତୁତ ହୋଇଥିବା ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବୈତରଣୀର ଶାଖା ଗର୍ତ୍ତାନାଳ ପୋତି ହୋଇ ପଡ଼ିଥିବାରୁ ବନ୍ୟାଜଳ ନିଷ୍କାସନ ହୋଇ ନ ପାରି ଚାଷଜମିରେ ଜମି ରହିଛି। ରଇପୁର ପଞ୍ଚାୟତର ୮୧୫ ହେକ୍ଟର ଓ ପାଳସାହିର ୪୭୫ ହେକ୍ଟର ଜମି ଜଳମଗ୍ନ ହୋଇ ଚାଷ ନଷ୍ଟ ହୋଇଛି। ଫଳରେ ଚାଷୀମାନେ ଭାଙ୍ଗିପଡ଼ିଛନ୍ତି। ପ୍ରତିବର୍ଷ ସେମାନେ ଏପରି ହଇରାଣ ହେଉଥିବା ପ୍ରକାଶ କରିଛନ୍ତି। ଚାଷୀ ମାନଗୋବିନ୍ଦ ଜେନା, ଋଷିଆ ବାରିକ, ଅମର ସାହୁ, ଉମାକାନ୍ତ ସାହୁ, ମନୋରଞ୍ଜନ ଦାସ, ମୃତ୍ୟୁଞ୍ଜୟ ଦାସ, ଚଗଲା ଜେନା, ଅଭୟ ବେହେରା, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ଅନୀଲ କୁମାର ଦାସ ପ୍ରମୁଖ ସରକାର ଏବଂ ପ୍ରଶାସନ ନିକଟରେ ଗୌରାଙ୍ଗପୁର ଏସ୍କେପ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିବେଦନ କରିଛନ୍ତି। କୃଷି ଓ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ତୁରନ୍ତ କ୍ଷେତ୍ରୀୟ ଅନୁଧ୍ୟାନ କରି ବନ୍ୟା ପ୍ରଭାବରେ ଅଞ୍ଚଳରେ ହୋଇଥିବା କ୍ଷୟକ୍ଷତି ଆକଳନ ରିପୋର୍ଟ ଜିଲା ପ୍ରଶାସନକୁ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି।


ଧାମନଗର ରଇପୁର ଅଞ୍ଚଳରେ ବନ୍ୟାପାଣିରେ ବୁଡ଼ିଥିବା ଚାଷଜମିରେ ଚାଷୀମାନେ।

# ଜଳବନ୍ଦୀଙ୍କ ଅବସ୍ଥା ଦୁର୍ବିଷହ

ଭୋଗରାଇ, ୨୪।୮(ଡି. ଏନ. ଏ.)

ସୁବର୍ଣ୍ଣରେଖା ବନ୍ୟାକୁ ୪ଦିନ ବିତିଛି। ବନ୍ୟା ବିପନ୍ନମାନେ ପିଲାଛୁଆ ଧରି ବିଭିନ୍ନ ଆଶ୍ରୟସ୍ଥଳୀ ଏବଂ ସୁରକ୍ଷିତ ବନ୍ଧବାଡ଼ରେ ପଲିଥିନ ପକାଇ ରହିଛନ୍ତି। ଏଭଳି ସ୍ଥିତିରେ ପୁଣି ଏକ ଘୂର୍ଣ୍ଣବଳୟ ଉପକୂଳମୁହାଁ ହୋଇ ବୁଧବାର ସକାଳଠୁ ବର୍ଷୁଥିବାରୁ ଜୀବନଜୀବିକା ବ୍ୟାହତ ହୋଇଛି। ବାହ୍ୟଜଗତରୁ ବିଚ୍ଛିନ୍ନ ଜଳବନ୍ଦୀଙ୍କ ଅବସ୍ଥା ଦୁର୍ବିଷହ ହୋଇପଡିଛି। ଚୁଲି ଜଳୁ ନ ଥିବାବେଳେ ଗ୍ୟାସ ଟାଙ୍କିରେ ଗରିବ ଗୁରୁବାଙ୍କ ରୋଷେଇ କରିବା ସମ୍ଭବ ହେଉନାହିଁ। ସମସ୍ତ ନଳକୂପ ବନ୍ୟା ପାଣିରେ ବୁଡ଼ିଯାଇଥିବା ବେଳେ ପିଇବା ପାଣି ସଙ୍କଟ ଦେଖାଦେଇଛି। କେବଳ ଗ୍ରାମ୍ୟ ପାଇପ ଜଳଯୋଗାଣ ବସୁଧା ପାଉଚ ଓ ବୋତଲ ସମୁଦ୍ରକୁ ଶଙ୍ଖେ ସଦୃଶ ପାଲଟିଛି। ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ବ୍ଲକର ବହୁ ଗାଁ ଏବେ ବି ଜଳବନ୍ଦୀ ହୋଇଥିବାରୁ ଜୀବନଜୀବିକା ପ୍ରଭାବିତ ହୋଇଛି।

ଭୋଗରାଇ ବ୍ଲକର ୧୪ ପଞ୍ଚାୟତର ୮ହଜାର ୩୧୨ ବିପନ୍ନଙ୍କୁ ଉଦ୍ଧାର କରାଯାଇ ବିଭିନ୍ନ ଆଶ୍ରୟସ୍ଥଳୀରେ ରଖାଯାଇ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଛି। ସେହିପରି ଅନୁରୂପ ଭାବେ ଜଳେଶ୍ୱର, ବାଲିଆପାଳ ଓ ବସ୍ତା ବ୍ଲକରେ ଖାଦ୍ୟ ସାମଗ୍ରୀ ଦିଆଯାଉଥିବା ଖବର ମିଳିଛି। ବନ୍ୟା ଜଳ ଧୀରେ ଧୀରେ ହ୍ରାସ ପାଉଥିଲେ ମଧ୍ୟ ଆସନ୍ତା ଶୁକ୍ରବାର ଅମାବାସ୍ୟା ତିଥି ପଡୁଥିବାରୁ ସମୁଦ୍ରକୁ ବନ୍ୟା ପାଣି ନିଷ୍କାସନ ନ ହୋଇ ଜୁଆର ଜଳ ଠେଲି ରଖିବ। ବର୍ଷା ଲାଗି ରହିଲେ ବନ୍ୟା ଓ ବର୍ଷାଜଳ ମିଶି ଜଳ ଫୁଲିବା ସହିତ ବିପନ୍ନଙ୍କ ଅବସ୍ଥା ସାଙ୍ଘାତିକ ହେବ ବୋଲି କୁହାଯାଉଛି। ବର୍ଷା ଓ ବନ୍ୟା ଯୋଗୁ ପାଣିଘେରରେ ଥିବା ଲୋକେ ଦିନରାତି ସମାନ କରିଛନ୍ତି। ବିଭିନ୍ନ ଗ୍ରାମରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇପଡିବାରୁ ସନ୍ଧ୍ୟା ହେଲେ ବିଷାକ୍ତ ସାପ କାମୁଡା ଭୟ ଘାରୁଛି। ବୁଧବାର ଅବିଶ୍ରାନ୍ତ ବର୍ଷାରେ ପ୍ରଶାସନ ବିପନ୍ନଙ୍କଠାରେ ପହଞ୍ଚି ନ ଥିବାରୁ ସ୍ଥିତି ଜଟିଳ ହୋଇଛି। ବହୁ ସାମାଜିକ ସଙ୍ଗଠନ ବନ୍ୟା ପ୍ରପୀଡ଼ିତ ଲୋକଙ୍କଠାରେ ପହଞ୍ଚି ଖାଦ୍ୟବସ୍ତ୍ର ସାହାଯ୍ୟ କରୁଛନ୍ତି। ଅଦ୍ୟାବଧି ରିଲିଫ ସାମଗ୍ରୀ ବିପନ୍ନଙ୍କଠାରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି।


ବନ୍ୟାପାଣିରେ ପଶି ଉଲୁଡ଼ା ଗ୍ରାମର ଜଣେ ବୃଦ୍ଧା ଶିବ ମନ୍ଦିରରେ ପୂଜା କରୁଛନ୍ତି।

# ‘ମୟୂରଭଞ୍ଜରେ ଜିରୋ କାଜୁଆଲଟି ବିଫଳ’

### ଖବରଦାତା ସମ୍ମିଳନୀରେ ଅଭିଯୋଗ କଲେ ଭାଜପା ରାଜ୍ୟ ସଭାପତି

ବାରିପଦା ଅଫିସ, ୨୪।୮

ଲଘୁଚାପ ଜନିତ ଲଗାଣ ବର୍ଷା ଓ ବନ୍ୟାରେ ମୟୂରଭଞ୍ଜ ଜିଲାରେ ଜିରୋ କାଜୁଆଲଟି ରକ୍ଷା କରିବାରେ ପ୍ରଶାସନ ବିଫଳ ହୋଇଛି। ରାଜ୍ୟ ସରକାରଙ୍କ ବୃଥା ବାହାସ୍ଫୋଟ ଏହି ଜିଲାରେ ପ୍ରମାଣିତ ହୋଇଛି ବୋଲି ବୁଧବାର ଜିଲା ଗସ୍ତରେ ଆସିଥିବା ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ପୂର୍ବାହ୍ନରେ ସେ କପ୍ତିପଦା ଉପଖଣ୍ଡର ବନ୍ୟା ବିପନ୍ନଙ୍କ ସ୍ଥିତି ପରଖିବା ପରେ ବାରିପଦା ପୌରାଞ୍ଚଳର ବିପନ୍ନଙ୍କୁ ଭେଟିଥିଲେ। କାନ୍ଥପଡ଼ି ମୃତ୍ୟୁ ବରଣ କରିଥିବା ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ। ପରେ ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଫଳତା ଯୋଗୁ ୬ଜଣଙ୍କ ଜୀବନ ଯାଇଛି ବୋଲି କହିଥିଲେ।

ମୟୂରଭଞ୍ଜ ଜିଲାକୁ ୧ଲକ୍ଷ ୪୭ହଜାର ୯୯୪ଟି ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯାଇଥିଲେ ହେଁ ପ୍ରକୃତ ହିତାଧିକାରୀଙ୍କ ଚିହ୍ନଟ କରାଯାଇ ନ ଥିବାରୁ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସହରାଞ୍ଚଳରେ ଜଗାମିଶନ ଯୋଜନାରେ ଭୂମିହୀନ ପଟ୍ଟା ପାଇବାରୁ ବଞ୍ଚିତ ଥିବାରୁ ଆବାସ ଗୃହ ମଞ୍ଜୁରିରେ ବାଧକ ସାଜିଛି। ମୃତକଙ୍କ ପରିବାରକୁ ୧୦ଲକ୍ଷଟଙ୍କା ଆର୍ଥିକ ସହାୟତା ଓ ପ୍ରଧାନମନ୍ତ୍ରୀ ଆବାସଗୃହ ଯୋଗାଇଦେବାକୁ ସେ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି କାନ୍ଦରା ସୋରେନ୍, ସହରାଞ୍ଚଳ ବିକାଶ ରାଜ୍ୟ ସମ୍ପାଦକ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ଉଦଳା ବିଧାୟକ ଭାସ୍କର ମଢ଼େଇ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁ ଓ ପ୍ରାକ୍ତନ ଜିଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁଙ୍କ ସମେତ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଓ ଅନ୍ୟମାନେ।

# ପାଣିରେ ଭାସିଗଲା ଚାଷୀଙ୍କ ଆଶା



ଜଳେଶ୍ୱର, ୨୪।୮(ଡି.ଏନ.ଏ.)

ସୁବର୍ଣ୍ଣରେଖା ନଦୀର କୂଳେ ଜଳେଶ୍ୱର ବ୍ଲକର ୧୪ଟି ପଞ୍ଚାୟତର ହଜାର ହଜାର ଚାଷୀ ଉପୁଜାଇଥିବା ପରିବା ଚାଷ ବନ୍ୟାପାଣିରେ ବୁଡି ନଷ୍ଟ ହୋଇଛି । ଆଗାମୀ ଦିନ ପାଇଁ ତଳି ପଡିଥିବା କୋବି, ବାଇଗଣ, ବିନ୍ସ୍, ଟମାଟୋ ପଚି ସଢି ନଷ୍ଟ ହୋଇଛି । ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବା ଲାଗି ଆଶା ରଖିଥିବା ଚାଷୀ ଏବେ ମୁଣ୍ଡରେ ହାତ ମାରି ବସିଛି ।

ଜଳେଶ୍ୱର ବ୍ଲକର ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ୩ଟି ଗାଁର ୬୦ହେକ୍ଟର, କୋଟସାହି ପଞ୍ଚାୟତର ୨ଟି ଗାଁର ୧୫ ହେକ୍ଟର, ପାଇକସିଦା ପଞ୍ଚାୟତର ୫ଟି ଗାଁର ୪୦ ହେକ୍ଟର, ପଶ୍ଚିମବାର୍ଡ ପଞ୍ଚାୟତର ୩ଟି ଗାଁର ୩୫ ହେକ୍ଟର, ବାଇଗଣବାଡିଆ ପଞ୍ଚାୟତର ୫ଟି ଗାଁର ୪୦ ହେକ୍ଟର, ଝାଡପିମ୍ପଳ ପଞ୍ଚାୟତର ୩୨ଟି ଗାଁ ୨୦ ହେକ୍ଟର, ମହମ୍ମଦନଗର ପଞ୍ଚାୟତର ୪ଟି ଗାଁର ୬୦ହେକ୍ଟର, ରାଜପୁର ପଞ୍ଚାୟତର ୨ଟି ଗାଁର ୧୦ହେକ୍ଟର, ଶିଖରପୁର ପଞ୍ଚାୟତର ୬ଟି ଗାଁର ୪୦ହେକ୍ଟର, ମାକିଡିଆ ପଞ୍ଚାୟତର ୩ଟି ଗାଁର ୭୦ହେକ୍ଟର, ଖୁଦିଆମାଝିସାହି ପଞ୍ଚାୟତର ୨ଟି ଗାଁରେ ୨୦ହେକ୍ଟର, ଗଡସାହିବାଲିଆପାଳ ପଞ୍ଚାୟତର ସେହି ଗାଁରେ ୪୩ହେକ୍ଟର, ଦକ୍ଷିଣପ୍ରହରାଜପୁର ପଞ୍ଚାୟତର ୨ଟି ଗାଁରେ ୧୫ହେକ୍ଟର, ଓଲମରା ପଞ୍ଚାୟତର ୨ଟି ଗାଁରେ ୧୦ହେକ୍ଟର ପରିବାଚାଷ ପ୍ରଭାବିତ ହୋଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ଜଳେଶ୍ୱର ବ୍ଲକର ୨୮ ପଞ୍ଚାୟତ ଓ ପୌରପାଳିକାର ୧୬୪ଟି ଗାଁ ଜଳମଗ୍ନ ହୋଇଥିବା ବେଳେ ୨୫୦ ହେକ୍ଟର ଧାନଜମି, ୨୦୦ ହେକ୍ଟର ଝୋଟଚାଷ ଓ ୫୫୦ ହେକ୍ଟର ପରିବାଚାଷ କ୍ଷତିଗ୍ରସ୍ତ ହୋଇଥିବା କୃଷିବିଭାଗର ପ୍ରାଥମିକ ଆକଳନରୁ ଜଣାପଡିଛି । ଏହି ଗାଁ ଗୁଡିକରେ ହଜାର ହଜାର ଚାଷୀ ଜୁନ୍, ଜୁଲାଇରେ ଭେଣ୍ଡି, ଜହ୍ନି, କାକୁଡି, କଲରା, ଝୁଡଙ୍ଗ, ପୋଟଳ, କୁନ୍ଦୁରୀ ଆଦି ଚାଷ କରିଥିବା ବେଳେ ଅମଳର କିଛିଦିନ ପରେ ସୁବର୍ଣ୍ଣରେଖା ବନ୍ୟାପାଣିରେ ବ୍ୟାପକ କ୍ଷତି ଘଟିଛି। ଏହି ଲୋକମାନେ କେବଳ ପରିବା ଚାଷ ଉପରେ ପରିବାର ପ୍ରତିପୋଷଣ କରିଥାନ୍ତି। ଏକତାଳି ଗାଁର ସୀତାରାମ ସାହୁ ଚଳିତବର୍ଷ ଖରିଫ ଋତୁରେ ୩ ଏକର ଜମିରେ ୫୦ହଜାର ଟଙ୍କା ଖର୍ଚ୍ଚ କରି ଭେଣ୍ଡି, ଜହ୍ନି, କାକୁଡି, ପୋଟଳ ଓ ଝୁଡଙ୍ଗ ଚାଷ କରିଥିଲେ । ଏଥିରୁ ସେ ଦେଢଲକ୍ଷ ଟଙ୍କା ରୋଜଗାର କରିବେ ବୋଲି ଆଶା କରିଥିଲେ । ମଜୁରୀ ବ୍ୟତିତ ସେ ନିଜେ, ତାଙ୍କ ବାପା ଓ ସ୍ତ୍ରୀ ବିଲରେ ଖଟୁଥିବା ବେଳେ ଏବେ ଆଗାମୀ ଦିନରେ ୬ ପ୍ରାଣୀ କୁଟୁମ୍ବ କିପରି ଚଳିବେ ସେଥିପାଇଁ ଚିନ୍ତାରେ ରହିଛନ୍ତି । ସେହି ଗାଁର ଉମେଶ ପାଳ ବିଭିନ୍ନ ଚାଷ କରିଥିବା ବେଳେ ଏବେ ଭବିଷ୍ୟତରେ କିପରି ଚଳିବେ ସେଥିଲାଗି ତାଙ୍କୁ ଚିନ୍ତା ଘାରିଛି । ଗୋବର୍ଦ୍ଧନପୁର ଗାଁର ତପନ ଭୂୟାଁ, ମାକିଡିଆ ଗାଁର ମଞ୍ଜୁଲତା ବେହେରା ଭେଣ୍ଡି, କଖାରୁ ପୋଟଳ, କୁନ୍ଦୁରି ଉତ୍ପନ୍ନ କରି ପଶ୍ଚିମବଂଗର ଦାନ୍ତୁନ ବଜାରରେ ବିକ୍ରି କରି ଆସୁଥିବା ବେଳେ ୫୦ ହଜାର ଟଙ୍କା ପରିବାଚାଷରୁ ଲାଭ କରିବେ ବୋଲି ଆଶା ବାନ୍ଧିଥିବା ବେଳେ ତାହା ପାଣି ଫୋଟକା ଭଳି ମିଳାଇ ଯାଇଛି । ବାଇଗଣ ବାଡିଆ ଗାଁର ରବୀନ୍ଦ୍ର ପ୍ରଧାନ, ସେକ ସରାଇ ଗାଁର ରାମଚନ୍ଦ୍ର ଜେନା, ନିରଞ୍ଜନ ତରାଇ, ଅନୀଲ ମହାନ୍ତି, କୁଆଁରପୁର ଗାଁ ରାଧାକାନ୍ତ ଘୋଷ, ତୋଟାପଡାର ପ୍ରବିର ଗିରି, ଗଡସାହିର ଧନଞ୍ଜୟ ଗିରି ପ୍ରମୁଖ ରବିଚାଷ କରି ସର୍ବସ୍ୱ ହରାଇଥିବା କହିଛନ୍ତି।

## ବନ୍ୟାଞ୍ଚଳରେ ଭ୍ରାମ୍ୟମାଣ ଗୋ ଚିକିତ୍ସା

### ୩ ବ୍ଲକରେ ଗୋଖାଦ୍ୟ ବଣ୍ଟନ

ଭଦ୍ରକ ଅଫିସ,୨୪।୮

ଚଳିତ ବନ୍ୟାରେ ପ୍ରଭାବିତ ହୋଇଥିବା ଭଦ୍ରକ ଜିଲାର ଚାନ୍ଦବାଲି, ଧାମନଗର ଓ ଭଦ୍ରକ ବ୍ଲକର ବିଭିନ୍ନ ପଞ୍ଚାୟତରେ ଗୋଖାଦ୍ୟ ବଣ୍ଟନ ସହ ଭ୍ରାମ୍ୟମାଣ ଗୋ ଚିକିତ୍ସା କରାଯାଉଛି। ପ୍ରାଣୀ ଚିକିତ୍ସା ବିଭାଗର ସୂଚନା ଅନୁଯାୟୀ, ଅଦ୍ୟାବଧି ଏହି ୩ ବ୍ଲକର ୧୯ ପଞ୍ଚାୟତ ଅଧୀନ ୬୪ ଗାଁର ପ୍ରଭାବିତ ଛୋଟବଡ଼ ପ୍ରାଣୀମାନଙ୍କୁ ସମୁଦାୟ ୯୪ ମେଟ୍ରିକ ଟନ୍ ଗୋଖାଦ୍ୟ ବଣ୍ଟନ ଶେଷ ହୋଇଛି। ଚାନ୍ଦବାଲି ବ୍ଲକର ୪ ପଞ୍ଚାୟତର ୧୮ଟି ଗାଁର ବଡ଼ ପ୍ରାଣୀ ୧୧,୯୮୦ ଓ ଛୋଟ ପ୍ରାଣୀ ୧,୮୧୧ଙ୍କ ପାଇଁ ୩୭.୩୫ ମେଟ୍ରିକ ଟନ୍ ଗୋଖାଦ୍ୟ ପ୍ରଦାନ କରାଯାଇଛି। ଧାମନଗର ବ୍ଲକର ୧୪ଟି ପଞ୍ଚାୟତର ୪୪ଟି ଗାଁର ବଡ଼ପ୍ରାଣୀ ୧୭,୬୯୯ ଓ ଛୋଟ ପ୍ରାଣୀ ୫,୧୫୩ ପାଇଁ ୫୭ ମେଟ୍ରିକ୍ ଟନ୍ ଗୋଖାଦ୍ୟ ଦିଆଯାଇଛି। ଭଦ୍ରକ ବ୍ଲକର ୨ଟି ଗାଁର ବଡ଼ ପ୍ରାଣୀ ୨,୯୯୯ ଓ ଛୋଟ ପ୍ରାଣୀ ୨,୩୭୦ଙ୍କ ପାଇଁ ୧.୫ ମେଟ୍ରିକ ଟନ୍ ଗୋଖାଦ୍ୟ ଦିଆଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭେନ୍ଦୁ କୁମାର ମିଶ୍ର କୁହନ୍ତି, ବଡ଼ପ୍ରାଣୀଙ୍କୁ ଦିନପ୍ରତି ୧ କି.ଗ୍ରା. ଓ ଛୋଟ ପ୍ରାଣୀଙ୍କୁ ୨୫୦ ଗ୍ରା. ଲେଖାଏ ୩ଦିନ ପାଇଁ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ଚାନ୍ଦବାଲି ବ୍ଲକରେ ୨, ଧାମନଗର ବ୍ଲକରେ ୨ ଓ ଭଦ୍ରକ ବ୍ଲକରେ ଗୋଟିଏ ଭ୍ରାମ୍ୟମାଣ ଯାନ ଦ୍ୱାରା ପ୍ରାଣୀମାନଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରାଣୀ ଚିକିତ୍ସା, ଟିକାକରଣ ଆଦି ଲାଗି ଆଦାୟ କରାଯାଇଥିବା ସମସ୍ତ ୟୁଜର ଫି'କୁ ଚଳିତମାସ ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ଛାଡ଼ କରାଯାଇଛି। ସମ୍ପୃକ୍ତ ତହସିଲଦାର, ପ୍ରାଣୀ ଚିକିତ୍ସା ବିଭାଗ ଦ୍ୱାରା ତଦନ୍ତମୂଳକ ତଥ୍ୟ ଜିଲାପାଳଙ୍କ ଅନୁମୋଦନ ପରେ ଏହି ଗୋଖାଦ୍ୟ ବଣ୍ଟନ କରାଯାଉଛି। ୩ଦିନ ପାଇଁ ଗୋଖାଦ୍ୟ ବଣ୍ଟନ କରାଯିବା ପରେ ଏହାକୁ ପୁଣି ୩ ଦିନ ବୃଦ୍ଧି କରିବାକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି।

## ନଦୀରୁ ମିଳିଲା ନିଖୋଜ ବାଳକଙ୍କ ମୃତଦେହ

ଯୋଡ଼ା,(ଡି.ଏନ୍.ଏ.): କେନ୍ଦୁଝର ଜିଲା ଯୋଡା ବ୍ଲକ ବିରିକଳା ଗ୍ରାମର ଭାସ୍କର ସେଠୀଙ୍କ ପୁଅ ରାଜେଶ ସେଠୀ(୧୫) ସୋମବାର ଶୌଚ ହେବାକୁ ଯାଇ ସୁନା ନଦୀରେ ଭାସି ଯାଇଥିବା ନେଇ ଅଗ୍ନିଶମ ବିଭାଗ ଓ ପୋଲିସକୁ ସୂଚନା ଦିଆଯାଇଥିଲା। ବୁଧବାର ଅଗ୍ନିଶମ ବିଭାଗ ଦାରା ବୈତରଣୀ ଓ ସୁନା ନଦୀର ସଙ୍ଗମ ସ୍ଥଳରୁ ଗଳିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

## ସଂକ୍ଷେପରେ

### ଲାଞ୍ଚ କାରବାରକୁ ବିରୋଧ, ଇସ୍ତଫା ଦେଲେ ସିଆର୍‌ସିସି

ଧାମନଗର,୨୪।୮(ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ସିଆର୍‌ସିସି ସେକ୍ ସାମସୁଦ୍ଦିନ ବିଭିନ୍ନ ସମସ୍ୟା ଓ ଦୁର୍ନୀତିକୁ ବିରୋଧ କରି ଶନିବାର ଇସ୍ତଫା ଦେଇଛନ୍ତି। ସେ ବିଇଓଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଖଡ଼ିପଦା ଏବଂ ଧାମନଗର କ୍ଲଷ୍ଟର ଅଧୀନରେ କାର୍ଯ୍ୟରତ ସିଆର୍‌ସିସି ସାମସୁଦ୍ଦିନ ୪ବର୍ଷ ଧରି ସୁଚାରୁ ରୂପେ କାର୍ଯ୍ୟ ତୁଲାଇ ଆସୁଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜଣେ କିରାଣି ୬ବର୍ଷ ଧରି ବ୍ଲକରେ କାର୍ଯ୍ୟରତ/ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ସେମାନଙ୍କ କାର୍ଯ୍ୟ ପାଇଁ ମୋଟା ଅଙ୍କର ଉତ୍କୋଚ ନେଇ ଫାଇଲ୍ କାମ କରାଇଥାନ୍ତି। ସିଆର୍‌ସିସିଙ୍କ କହିବା ଅନୁଯାୟୀ, କେତେଜଣ ଶିକ୍ଷକ ଏଥିରେ ଅତିଷ୍ଠ ହୋଇ ବାରମ୍ବାର ତାଙ୍କ ପାଖରେ ଅଭିଯୋଗ କଲା ପରେ ସେ ବାଧ ହୋଇ ସମାଧାନ ଲାଗି ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ। ଏହି ଲାଞ୍ଚ କାରବାରକୁ ବିରୋଧ କରି ସେ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ବିଇଓ କୈଳାସ ଚନ୍ଦ୍ର ଜେନା କହିଛନ୍ତି, ଉକ୍ତ ସିଆର୍‌ସିସିଙ୍କ ଇସ୍ତଫାପତ୍ର ଗ୍ରହଣ କରାଯାଇ ନାହିଁ। ସେଥିରେ ସମ୍ପୂର୍ଣ୍ଣ ବିବରଣୀ ନ ଥିବାରୁ ପରବର୍ତ୍ତୀ ସମୟରେ ସ୍ପଷ୍ଟୀକରଣ ମଗାଯାଇ ପଦକ୍ଷେପ ନିଆଯିବ।

### ସାବତ ମା'ଙ୍କୁ ମରଣାନ୍ତକ ଆକ୍ରମଣ: ପୁଅ ଗିରଫ

ପାଟଣା,୨୪।୮(ସ୍ୱ.ପ୍ର.):କେନ୍ଦୁଝର ଜିଲା ସାହାରପଡା ବ୍ଲକ ଦିଗିପଶି ପଞ୍ଚାୟତ ଶଙ୍ଖସୁର ଗ୍ରାମରେ ପୁଅର ଲୁହା ରଡ୍ ମାଡ଼ରେ ସାବତ ମା' ଗୁରୁତର ହୋଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଉକ୍ତ ଘଟଣାରେ ଅଭିଯୁକ୍ତ ପୁଅ ପୁରନ୍ଦର ତନ୍ତୀଙ୍କୁ ସାହାରପଡା ଫାଣ୍ଡି ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ପୁରନ୍ଦର ମଦ ନିଶାରେ ତାଙ୍କ ମା'ଙ୍କୁ ଘରର ଜମି ପଟ୍ଟା ମାଗିଥିଲେ। ଏଥିରେ ତାଙ୍କ ମା' ବାରଣ କରିବାରୁ ସେ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମା'ଙ୍କ ମୁଣ୍ଡରେ ଗଭୀରକ୍ଷତ ହେବା ସହ ହାତ ଭାଙ୍ଗି ଯାଇଥିବା ଜଣାପଡ଼ିଛି।

### ମଦ ଜବତ: ୨ ଗିରଫ

ମୋରଡା,୨୪।୮(ଡି.ଏନ୍.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ବୁଧବାର ଚୋରା ଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ପୁରୁଣାପାଣି ଝରିଆ ଗ୍ରାମର କରନ ହାଁସଦା ଓ ବାଉଁଶତଫା ଗ୍ରାମର ସାଲା ହେମ୍ବ୍ରମ। ସେମାନଙ୍କଠାରୁ ମୋଟ ୪୨ ଲିଟର ଚୋରା ଦେଶୀ ମଦ ଜବତ ହୋଇଥିବା ଅବକାରୀ ଅଧିକାରୀ ପୀତାମ୍ବର ମହାପାତ୍ରଙ୍କ ସୂଚନା ଦେଇଛନ୍ତି।

### ଆଜି ଅଗ୍ନିବୀର ଚୟନ ଶିବିର

ବାରିପଦା ଅଫିସ,୨୪।୮-ମୟୂରଭଞ୍ଜ ଜିଲା ପ୍ରଶାସନ ଆନୁକୂଲ୍ୟରେ ଶିକ୍ଷିତ ବେକାର ଜନଜାତି ଯୁବକମାନଙ୍କୁ ସେନା ବାହିନୀରେ(ଅଗ୍ନିବୀର) ନିଯୁକ୍ତି ନିମନ୍ତେ ଏକ ଚୟନ ଶିବିର ଗୁରୁବାର ଜିଲା ନିଯୋଜନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ପ୍ରାର୍ଥୀ ଚୟନ ପରେ ସେପ୍ଟେମ୍ବର ୧ରୁ ୩୦ତାରିଖ ପର୍ଯ୍ୟନ୍ତ ଏହି ଶିବିରରେ ମାଗଣା ପ୍ରାକ୍ ତାଲିମ ଦିଆଯିବ। ଇଚ୍ଛୁକ ପ୍ରାର୍ଥୀମାନଙ୍କ ଶିକ୍ଷାଗତ ଓ ଜାତିଗତ ପ୍ରମାଣପତ୍ର ଯାଞ୍ଚ ସହ ଡାକ୍ତରଙ୍କ ଦ୍ୱାରା ଶାରୀରିକ ପରୀକ୍ଷା କରାଯିବ। ଅକ୍ଟୋବର ୭ରେ ପାରାଦୀପଠାରେ ଅନୁଷ୍ଠିତ ହେବାକୁ ଥିବା ସେନା ବାହିନୀର ନିଯୁକ୍ତି ରାଲିରେ ଯୋଗ୍ୟ ପ୍ରାର୍ଥୀମାନେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି।

# ଆମ୍ବୁଲାନ୍ସରେ ୭ ଘଣ୍ଟା ପଡ଼ିରହିଲା ମୃତଦେହ

### କ୍ଷତିପୂରଣ ପାଇଁ ଅଡ଼ି ବସିଲେ ପରିବାର ଲୋକେ

ବନ୍ତ,୨୪।୮(ଡି.ଏନ୍.ଏ.)

କ୍ଷତିପୂରଣ ଦାବିରେ ଆମ୍ବୁଲାନ୍ସ ଭିତରେ ୭ ଘଣ୍ଟା ଧରି ମୃତଦେହ ପଡ଼ି ରହିଲା। କ୍ଷତିପୂରଣ ନ ମିଳିବା ଯାଏ ଆମ୍ବୁଲାନ୍ସରୁ ମୃତଦେହ ଆଣିବେ ନାହିଁ ବୋଲି ମୃତକଙ୍କ ପରିବାର ଲୋକେ ଅଡ଼ି ବସିଥିଲେ। ବୁଧବାର ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ପଧାନପଡ଼ା ଆଦିବାସୀ ସାହିରେ। ମୃତକ ହେଲେ ଉକ୍ତ ସାହିର ନୁଙ୍ଗୁଲ ମୁଣ୍ଡାଙ୍କ ପୁଅ ଜିକି (୪୦)।

ସୂଚନା ଅନୁଯାୟୀ, ସେ ଗତ କିଛି ମାସ ହେଲା କର୍ନାଟକର ହାଜେରୀ ଜିଲାରେ ଏକ ଘରୋଇ କମ୍ପାନୀରେ ଜଣେ ଠିକାଦାରଙ୍କ ଜରିଆରେ କାମ କରୁଥିଲେ। କମ୍ପାନୀରେ କାର୍ଯ୍ୟରତ ବେଳେ ରବିବାର ସନ୍ଧ୍ୟାରେ ସେ ସିଡ଼ିରୁ ଖସିପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ସେଠାରେ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ସୋମବାର ସନ୍ଧ୍ୟାରେ କମ୍ପାନୀ ମାଲିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟରତ ଓଳମ ଗ୍ରାମର ଜଣେ ଶ୍ରମିକଙ୍କ ସହ ଏକ ଆମ୍ବୁଲାନ୍ସରେ ଜିକିଙ୍କ ମରଶରୀର ଗାଁକୁ ପଠାଯାଇଥିଲା। ବୁଧବାର ଭୋର ସମୟରେ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜିକିଙ୍କ ପରିବାର ଲୋକଙ୍କ ସମେତ ଗ୍ରାମବାସୀ ମଧ୍ୟାହ୍ନ ପର୍ଯ୍ୟନ୍ତ ଆମ୍ବୁଲାନ୍ସରୁ ମୃତଦେହ ଓହ୍ଲାଇ ଦେଇ ନ ଥିଲେ। କ୍ଷତିପୂରଣ ପାଇଁ ସେମାନେ ଅଡ଼ି ବସିଥିଲେ। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ସ୍ଥାନୀୟ ସରପଞ୍ଚ, ସମ୍ପୃକ୍ତ ଠିକାଦାର ଓ ପରିବାର ଲୋକଙ୍କ ସହ ବନ୍ତ ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା ଆଲୋଚନା କରିଥିଲେ। ଅନ୍ତିମ ସଂସ୍କାର ପାଇଁ କମ୍ପାନୀର ଠିକାଦାର ନଗଦ ୨୦ ହଜାର ଟଙ୍କା ଦେବା ସହ ୧୫ଦିନ ମଧ୍ୟରେ କ୍ଷତିପୂରଣ ବାବଦରେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏହାପରେ ପରିବାର ଲୋକେ ମୃତଦେହ ନେଇ ସତ୍କାର କରିଥିଲେ।



ପଧାନପଡ଼ା ଆଦିବାସୀ ସାହିରେ ଲୋକେ ଆମ୍ବୁଲାନ୍ସକୁ ଅଟକାଇଛନ୍ତି।

# ପୂର୍ବତନ ପ୍ରାଣୀଧନ ଚିକିତ୍ସକଙ୍କ ବାସଭବନରେ ଭିଜିଲାନ୍ସ ଯାଞ୍ଚ

ଯୋଡ଼ା,୨୪।୮(ଡି.ଏନ୍.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ଜିଲା ଯୋଡ଼ାର ପୂର୍ବତନ ପ୍ରାଣୀଧନ ଚିକିତ୍ସାଧିକାରୀ ଲଲାଟେନ୍ଦୁ ଆଇଚ୍‌ଙ୍କ ବନେଇକଳାସ୍ଥିତ ବାସଭବନରେ ବୁଧବାର ଭିଜିଲାନ୍ସ ଟିମ୍ ଯାଞ୍ଚ କରିଛି। ଭିଜିଲାନ୍ସର ୬ଜଣିଆ ଟିମ୍ ଏଥିରେ ସାମିଲ ଅଛନ୍ତି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୨୦୧୬ ନଭେମ୍ବର ୧୭ରେ ଲଲାଟେନ୍ଦୁଙ୍କ ୩ଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ ହୋଇଥିଲା। ଫୁଲବାଣୀ ସରକାରୀ କାର୍ଯ୍ୟାଳୟ, ବାସଭବନ, ପୈତୃକ ଘର ବେରୁଣାପଦୀ ଏବଂ ଯୋଡ଼ାସ୍ଥିତ ବାସଭବନରୁ ଯାଞ୍ଚ ବେଳେ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଥିଲା। ତେବେ ଘଟଣାର ୫ ବର୍ଷ ପରେ ବି ଅଦ୍ୟାବଧି ଚାର୍ଜଶିଟ ଦାଖଲ ହୋଇନାହିଁ। ବୁଧବାର କଟକ ଓ କେନ୍ଦୁଝରରୁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ଯୋଡ଼ାରେ ପହଞ୍ଚି ଲଲାଟେନ୍ଦୁଙ୍କ ବିଲ୍ଡିଂର ମାପଚୁପ କରିଛନ୍ତି। କେତେ ଅଞ୍ଚଳରେ ବିଲ୍ଡିଂ ରହିଛି, ଏଥିରେ କେତେ ଟଙ୍କା ବିନିଯୋଗ କରାଯାଇଛି, ଏ ନେଇ ଭିଜିଲାନ୍ସ ଟିମ୍ ଯାଞ୍ଚ ଚଳାଇଛି। ଖୁବଶୀଘ୍ର ମାମଲାରେ ଚାର୍ଜଶିଟ ଦାଖଲ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

# ଶୋଭାଯାତ୍ରାରେ ବାଣଫୁଟା, ଡିଜେ ବ୍ୟବହାର ମନା




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

### ଗଣେଶ ପୂଜା ପାଇଁ ପ୍ରଶାସନିକ ପ୍ରସ୍ତୁତି

ଭଦ୍ରକ ଅଫିସ, ୨୪।୮

ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ପାଳନ ହେବାକୁ ଥିବା ଗଣେଶ ପୂଜା ଉପଲକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ପ୍ରଶାସିନକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି ଏଥିରେ ଅଧକ୍ଷତା କରିଥିଲେ। ଏସ୍‌ପି ଚରଣ ସିଂ ମୀନା ପୂଜା ଆରମ୍ଭଠାରୁ ଭସାଣି ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ନେଇ ପୂଜା କମିଟି ଓ ଶାନ୍ତି କମିଟି ସଦସ୍ୟମାନଙ୍କ ମତାମତ ଆଧାରରେ ସମୀକ୍ଷା କରିଥିଲେ। ଅନ୍ୟତମ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଉପଜିଲାପାଳ ମନୋଜ ପାତ୍ର ଓ ସହକାରୀ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ ବୈଠକରେ ଯୋଗ ଦେଇଥିଲେ। ବୁଢ଼ା ଗଣେଶ, ଟୋକା ଗଣେଶ, ପିଲା ଗଣେଶ, ଛୁଆ ଗଣେଶ ଓ କାଞ୍ଚନ ଗଣେଶ ଏହି ୫ ମଣ୍ଡପରେ ପ୍ରାୟ ଏକ ମାସ ଧରି ଚିରାଚରିତ ପ୍ରଥା ଅନୁଯାୟୀ ଗଣେଶ ପୂଜା ଚାଲିବ। ଭସାଣି ଶୋଭାଯାତ୍ରା ପୂର୍ବରୁ ପୁରୁଣାବଜାର ରାସ୍ତା ମରାମତି ସହ ଅନାବଶ୍ୟକ ଓ ଉଦ୍ଦେଶ୍ୟମୂଳକ ଭାବେ ତିଆରି କରାଯାଇଥିବା ହମ୍ପସ୍‌ଗୁଡ଼ିକ ଉଚ୍ଛେଦ ପାଇଁ ସମସ୍ତ ପୂଜା କମିଟି, ମୁସ୍‌ଲିମ ଜମାତର କର୍ମକର୍ତ୍ତା ଜିଲା ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିଥିଲେ। ମେଢ଼ ବିସର୍ଜନ ହେବାକୁ ଥିବା ନଦୀଘାଟ ବ୍ୟତୀତ ଶୋଭାଯାତ୍ରା ରାସ୍ତାରେ ବାଣଫୁଟା ନିଷେଧ ସହ ଡିଜେ ବ୍ୟବହାର ନ କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

ଡିଆଇବିର ଡିଏସ୍‌ପି କମଳ ଲୋଚନ ଭୂୟାଁ ପୂଜା ଆରମ୍ଭରୁ ଭସାଣି ପର୍ଯ୍ୟନ୍ତ ଜିଲାରେ ପୋଲିସ ବ୍ୟବସ୍ଥା ସହ ପୂଜା ମଣ୍ଡପଗୁଡ଼ିକ ପକ୍ଷରୁ ନିଆଯିବାକୁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଆସନ୍ତା ସେପ୍ଟେମ୍ବର ୨୮ରେ ବୁଢ଼ା ଗଣେଶ ଓ ୨୯ରେ ପିଲା ଗଣେଶଙ୍କ ଭସାଣି ଅନୁଷ୍ଠିତ ହେବ। ୩୦ରେ ଭସାଣି ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିବା ଅନ୍ୟ ମେଢ଼ଗୁଡ଼ିକୁ ଦୁର୍ଗାପୂଜା ଥିବାରୁ ୨୮ ତାରିଖ ପୂର୍ବରୁ ଭସାଣି ଲାଗି ପରାମର୍ଶ ଦିଆଯାଇଛି। ଉପଜିଲାପାଳ ଧନ୍ୟବାଦ ଅର୍ପଣ କରିବା ସହ ପୂଜାରେ ମୃତ୍ତିକା ଓ ଜଳ ପ୍ରଦୂଷଣ ନିରୋଧୀ ଦ୍ରବ୍ୟ ବ୍ୟବହାର ନିମନ୍ତେ ଅନୁରୋଧ କରିଥିଲେ।

## ବୈଶିଙ୍ଗାରେ ମଧ୍ୟପ୍ରଦେଶ ପୋଲିସର ଖୋଳତାଡ଼

### ସାଇବର ଠକେଇ

ବୈଶିଙ୍ଗା,୨୪।୮(ଡି.ଏନ୍.ଏ.)

ସାଇବର ଠକେଇ ମାମଲାରେ ମଧ୍ୟପ୍ରଦେଶ ପୋଲିସ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛି। ମୋବାଇଲ ସିମ କାର୍ଡରେ ହେରାଫେରି କରି ଅପ ଡେଟ୍ କରିବାର ବାହାନାରେ ନିରୀହ ଲୋକଙ୍କଠାରୁ ଆଧାର କାର୍ଡ ନେଇ ଅନ୍‌ଲାଇନ ଫାଇନାନ୍ସ କମ୍ପାନୀରୁ ଋଣ ଉଠାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ମଧ୍ୟପ୍ରଦେଶ ପୋଲିସ ବୈଶିଙ୍ଗା ବଜାର ଅଞ୍ଚଳରେ ଥିବା ଏକ ଟେଲିଫୋନ କମ୍ପାନୀର ଆଞ୍ଚଳିକ କାର୍ଯ୍ୟାଳୟକୁ ଯାଇ କାଗଜ ପତ୍ର ଯାଞ୍ଚ କରିଥିଲା। ପରେ ଏହାର ମୁଖ୍ୟଙ୍କୁ ଉଠାଇ ଆଣି ବୈଶିଙ୍ଗା ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ବୈଶିଙ୍ଗା ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ର କୁହନ୍ତି, ବହୁ ଲୋକ ଏଭଳି ଠକାମୀର ଶିକାର ହୋଇ ସାରିଲେଣି। ତଦନ୍ତ ଚାଲିଥିବା ବେଳେ ଏନେଇ ଅଧିକ ଗିରଫଦାରିର ସମ୍ଭାବନା ମଧ୍ୟ ରହିଥିବା ସେ କହିଛନ୍ତି।

# ଜୁଭେନାଇଲ ଅଦାଲତରେ ହାଜର ହେଲେ ନାବାଳକ

### ନାବାଳିକାଙ୍କୁ ଗର୍ଭବତୀ କରିବା ଘଟଣା

ବୈଶିଙ୍ଗା,୨୪।୮(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଗର୍ଭବତୀ କରି ଫେରାର ଥିବା ନାବାଳକଙ୍କୁ ପୋଲିସ ବାରିପଦା ସ୍ଥିତ ଜୁଭେନାଇଲ ଅଦାଲତରେ ହାଜର କରିଛି। ନାବାଳିକା ଜଣକ ବେତନଟୀସ୍ଥିତ ମାମୁ ଘରେ ରହି ପାଠ ପଢୁଥିବା ବେଳେ ସେହି ଅଞ୍ଚଳର ଜଣେ ନାବାଳକଙ୍କ ସହିତ ଶାରୀରିକ ସମ୍ପର୍କ ରଖି ୬ମାସର ଗର୍ଭବତୀ ହୋଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା(ନଂ. ୨୫୦/୨୨) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ଫେରାର ହୋଇ ଯାଇଥିଲେ। ତେବେ ବିଶ୍ୱସ୍ତସୂତ୍ରରୁ ଖବରପାଇ ଥାନାଧିକାରୀ ପ୍ରଭାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏସ୍.ଆଇ.ଲକ୍ଷ୍ମଣ ମୁର୍ମୁ ଓ ଏସ.ଆଇ ସୁମନ୍ତ କୁମାର ସେଠୀ କଟକ ଜିଲା ନିଶ୍ଚିନ୍ତକୋଇଲି ଅଞ୍ଚଳର ଏକ ଘରୋଇ ଫାର୍ମ ହାଉସରେ କାର୍ଯ୍ୟରତ ଥିବା ସମୟରେ ଚଢ଼ାଉ କରି ଅଭିଯୁକ୍ତ ନାବାଳକଙ୍କୁ ଧରିବାରେ ସକ୍ଷମ ହୋଇଥିଲେ।

# ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ବୃଦ୍ଧି ପ୍ରତିବାଦ



ଖଇରା ଦୁର୍ଗାମଣ୍ଡପରେ ଅୟୋଜିତ ପଥପ୍ରାନ୍ତ ସଭାରେ କଂଗ୍ରେସ ନେତୃବୃନ୍ଦ।

### କଂଗ୍ରେସ ପକ୍ଷରୁ ପଥପ୍ରାନ୍ତ ସଭା

ଖଇରା, ୨୪।୮(ଡି.ଏନ୍.ଏ.)

ଏବେ ଦେଶରେ ବେରୋଜଗାରୀ ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସାଙ୍ଗକୁ ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ସୋମବାର ଖଇରା ବ୍ଲକ କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପସଭାପତି ମଦନମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ବର୍ତ୍ତନା, କୁପାରୀ, ଖଇରା ଓ ଡଗରପଡା ଆଦି ବଜାରରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ ଯୋଗଦେଇ କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାର ଯେଉଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲେ ତାହା ପୂରଣ କରିନାହାନ୍ତି। ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ଏବେ ଆକାଶଛୁଆଁ ପାଲଟିଛି। ବ୍ଲକ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ଛାତ୍ର କଂଗ୍ରେସ ସଭାପତି ଦେବାଶିଷ ସାହୁ, ତାପସ ରାୟ, ଅଶୋକ ଜେନା, ଚନ୍ଦନ ସେଠୀ, ବାବୁଲି ଜେନା, ପ୍ରଶାନ୍ତ ପାତ୍ର, ରାଜେଶ ପାତ୍ର, ତ୍ରୈଲୋକ୍ୟ ମହାପାତ୍ର ପ୍ରମୁଖ କଂଗ୍ରେସ କେବଳ ସ୍ୱଚ୍ଛ ଏବଂ ସ୍ଥିର ଶାସନ ଦେବାକୁ ସକ୍ଷମ ବୋଲି କହିଥିଲେ।

### ଗଛରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣା

# ହତ୍ୟା ଅଭିଯୋଗ ପରେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ

ଝୁମ୍ପୁରା, ୨୪।୮ (ଡି.ଏନ୍.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଠାରୁ ମାତ୍ର ୫୦ମିଟର ଦୂରରେ ଜୁନ୍ ୨୭ ତାରିଖରେ ଝୁଲନ୍ତା ଅବସ୍ଥାରେ ରେଣୁକା ଗିରି (୨୩ବର୍ଷ)ଙ୍କର ମୃତଦେହକୁ ପୋଲିସ ଜବତ କରିଥିଲା। ଏନେଇ ରେଣୁକାଙ୍କ ବାପା ମିହିର କୁମାର ଗିରି ତାଙ୍କ ଝିଅ ରେଣୁକାଙ୍କୁ ହତ୍ୟା କରି ଟାଙ୍ଗି ଦେଇଥିବା ସେହି ୨୭ ତାରିଖରେ ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଏହି ଘଟଣାରେ ତଦନ୍ତ ପ୍ରତି ପୋଲିସ ଗୁରୁତ୍ୱ ଦେଉ ନ ଥିବା ମୃତା ରେଣୁକାଙ୍କ ପରିବାର ଲୋକେ କହିଛନ୍ତି। ସାଇଣ୍ଟିଫିକ୍ ଟିମ ମଧ ଆସିଥିଲା। ମିଳିଥିବା ବ୍ୟବଚ୍ଛେଦ ରିପୋର୍ଟରେ ମଧ୍ୟ ଶ୍ୱାସରୁଦ୍ଧ ହିଁ ମୃତ୍ୟୁର କାରଣ ବୋଲି ଉଲ୍ଲେଖ ରହିଛି। ଏହାପରେ ବାରମ୍ବାର ମୃତା ରେଣୁକାଙ୍କ ପରିବାର ଝୁମ୍ପୁରା ଥାନାକୁ ଆସୁଛନ୍ତି ହେଲେ ଗରିବଙ୍କୁ ନ୍ୟାୟ ନାହିଁ ଲକ୍ଷ୍ୟରେ ସବୁବେଳେ ରେଣୁକାଙ୍କ ପରିବାରକୁ ଖାଲି ହାତରେ ଫେରିବାକୁ ପଡୁଛି। ସେହିପରି ଅଗଷ୍ଟ ୨୩ ତାରିଖରେ ମୃତା ରେଣୁକାଙ୍କ ମା' ଓ ବଡଭଉଣୀ ଏବଂ ଅଜା ସନ୍ତୋଷ ଗିରି ଝୁମ୍ପୁରା ଥାନାକୁ ଆସି ନିରାଶ ହେବାରୁ କ୍ରାଇମବ୍ରାଞ୍ଚ ଯିବୁ ବୋଲି କହିଛନ୍ତି। ହେଲେ ମୃତା ରେଣୁକାଙ୍କ ପରିବାରକୁ ଝୁମ୍ପୁରା ପୋଲିସ ପକ୍ଷରୁ ଭର୍ତ୍ସନା କରାଯିବା ସହ ନାନା ପ୍ରକାର କଟୁକଥା କହି ଫେରାଇ ଦେଇଛନ୍ତି।

ସୂଚନାଯୋଗ୍ୟ, ମୃତା ରେଣୁକା ଗିରିଙ୍କ ଘର ମୟୂରଭଞ୍ଜ ଜିଲା କେଶନା ବାଲିପଶି ନିକଟସ୍ଥ ଜାମୁନାଳିଆ ଗ୍ରାମରେ। ପାରିବାରିକ ଆର୍ଥିକ ଦୁରାବସ୍ଥା ଯୋଗୁଁ, ରୋଜଗାର କରିବା ପାଇଁ ରେଣୁକା ଝୁମ୍ପୁରା ଆସି ସାଙ୍ଗସାଥିଙ୍କ ସହାୟତାରେ ଝୁମ୍ପୁରା ବଜାରରେ ରହିଥିବା ଏକ ଦୋକାନରେ ସେଲସମ୍ୟାନଭାବେ କାମ କରିବା ସହିତ ତାଙ୍କ ଘରେ ରହୁଥିଲେ। ଜୁନ ୨୭ ତାରିଖରେ ରେଣୁକାଙ୍କ ମୃତଦେହ ଆମ୍ବ ଗଛରେ ଝୁଲୁଥିବା ଅବସ୍ଥାରେ ପୋଲିସ ଜବତ କରିଥିଲା। ଏ ନେଇ ସେ ସମୟରେ ସାଧାରଣ ରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏତେ ସବୁ ପରେ ମଧ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୭/୨୦୨୨) ରୁଜୁ କରି ଚୁପ୍ ବସିଛି। ଏସମ୍ପର୍କରେ ଝୁମ୍ପୁରା ଥାନାଧିକାରୀ ବରେନ୍ଦ୍ର ଶିଆଳ କହିଛନ୍ତି ତଦନ୍ତ ଜାରି ରହିଛି।

# ପାଣିରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ବେତନଟୀ,୨୪।୮

ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ନୟାପୁରୁଷୋତ୍ତମପୁର ଗ୍ରାମର ଜନୈକା ବୃଦ୍ଧା କେନାଲରେ ଗାଧୋଉଥିବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଦୁଲାରୀ ମୁର୍ମୁ(୭୪)। କାଠପାଳ ବନ୍ଧରୁ ବାହାରିଥିବା କେନାଲକୁ ଦୁଲାରୀ ବୁଧବାର ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିଲା ବେଳେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାରିପଦାସ୍ଥିତ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୦/୨୨) ରୁଜୁ ହୋଇଛି।

# ଟାଏକୋଣ୍ଡୋରେ ୫ ସ୍ୱର୍ଣ୍ଣ, ୭ ରୌପ୍ୟ, ୪ ବ୍ରୋଞ୍ଜ ପଦକ

### ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବାସୁଦେବପୁର ଖେଳାଳିଙ୍କ ସଫଳତା

ପଦ୍ମପୁର, ୨୪।୮ (ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ତୁକାଶୀ ଟାଏକୋଣ୍ଡୋ ଏକାଡେମୀର ଖେଳାଳିମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୫ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲଠାରେ ଗତ ୨୧ ତାରିଖରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ଅନୁଷ୍ଠାନର କୋଣାର୍କ ଶିଖର ନାଥ, ଜେବି ଜାହ୍ନବୀ, ଅଙ୍କିତା ପ୍ରିୟଦର୍ଶୀ ବାରିକ, ଦିବ୍ୟଶ୍ରୀ ବେହେରା ଓ କ୍ଷାତିପୂର୍ଣ୍ଣା ପଣ୍ଡା ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସାଇକ୍ରୀଷ୍ଟା ମହାପାତ୍ର, ବିଶ୍ୱଜିତ ବେହେରା, ଦୀପସିତା ବାରିକ, ସ୍ୱପ୍ନାଲିସା ରାଉଳ, ଅମ୍ବିକା ମହାନ୍ତି, ରୁଦ୍ର ନାରାୟଣ ବେହେରା ଓ ଜ୍ୟୋତିରଞ୍ଜନ କର ରୌପ୍ୟ, ପ୍ରଶାନ୍ତ କୁମାର ବାରିକ, ଅନିମେଶ କୁମାର ବେହେରା, ଏସ୍.ଏସ୍. ମୁକ୍ତେଶ୍ୱରୀ ରାଜନନ୍ଦିନୀ ଦାସ ଓ ଏସ୍.ପି. ସୌରଭ ସାଇସିଦ୍ଧି ବାରିକ ବ୍ରୋଞ୍ଜ ପଦକ ବିଜେତା ହୋଇଛନ୍ତି। ପ୍ରଶିକ୍ଷକ କୈଳାସ ଚନ୍ଦ୍ର ନାଥ ସେମାନଙ୍କୁ ପ୍ରଶିକ୍ଷଣ ଦେଇଥିବା ବେଳେ ଆଗକୁ ଅନୁଷ୍ଠାନର ଖେଳାଳିମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସୁନାମ ଆଣିବେ ବୋଲି କହିଛନ୍ତି।




ବିଜୟୀ ପ୍ରତିଯୋଗୀମାନେ।

# ଔଦ୍ୟୋଗିକ ବିକାଶରେ ଯୁବ ସମାଜକୁ ସହଭାଗିତା ସୂତ୍ରରେ ବାନ୍ଧିବାକୁ ଆହ୍ୱାନ

ବାଲେଶ୍ୱର ଅଫିସ, ୨୪।୮

ବାଲେଶ୍ୱର ସହର ଆଇଟିଆଇସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ 'ସ୍ୱାବଲମ୍ବୀ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରତରେ ଦେଖାଯାଉଥିବା ବେରୋଜଗାର ସମସ୍ୟାର ଦୂରୀକରଣ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅନୁସୃତ ଆତ୍ମନିର୍ଭର ଭାରତ ଅଭିଯାନକୁ ଆଗକୁ ନେବା ପାଇଁ ବାଲେଶ୍ୱର ଜିଲା ସ୍ୱାବଲମ୍ବୀ ଭାରତ କମିଟି ପକ୍ଷରୁ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ରୂପେ ସଞ୍ଜୟ ଦାସ, ମୁଖ୍ୟଅତିଥି ବିପିନ କୁମାର ରାଉତ ଯୋଗ ଦେଇ ଉଦ୍ୟୋଗିକ ବିକାଶରେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟ ଯୁବକଯୁବତୀମାନଙ୍କୁ ସହଭାଗିତା ସୂତ୍ରରେ ବାନ୍ଧି ହୋଇ ବିକାଶର ରାସ୍ତା ଆପଣେଇବାକୁ ଆହ୍ୱାନ ଦେଇଥିଲେ। କୃଷିକ୍ଷେତ୍ର, ଲଘୁ ମଧ୍ୟମ ଉଦ୍ୟୋଗ ଶିଳ୍ପ, ମତ୍ସ୍ୟ ଓ ପଶୁସମ୍ପଦ ପାଳନ ଆଦି କ୍ଷେତ୍ରରେ ନିଜେ ଆତ୍ମନିର୍ଭରଶୀଳ ହେବା ସହିତ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରାଯାଇପାରିବ। ପ୍ରତ୍ୟେକ ଜିଲାରେ ଏକ ସୃଜନକେନ୍ଦ୍ର ସ୍ଥାପନ କରାଯାଇ ସେଠାରେ ଉତ୍ତମ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯିବ । ସମ୍ମାନୀୟ ଅତିଥି ଭାବେ ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ କୃଷ୍ଣଚନ୍ଦ୍ର ରାଉତ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ମୁଖ୍ୟ ପରିଚାଳକ ସବ୍ୟସାଚୀ ମହାପାତ୍ର ସରକାରୀ ପ୍ରୋତ୍ସାହନ ଏବଂ ସହଯୋଗୀ ପାଣ୍ଠି ବିନିଯୋଗର ବିଭିନ୍ନ ଧାରା ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟୋଗପତି ପ୍ରକାଶ ବେହୁରିଆ, ଗୋପାଳ ଖଣ୍ଡେଲୱାଲ ଯୋଗଦେଇ ନିଜର ଉତ୍କର୍ଷତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ ଶିଳ୍ପ ତାଲିମ କେନ୍ଦ୍ରର ସମସ୍ତ କର୍ମଚାରୀ, ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀଙ୍କ ସହିତ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ସ୍ୱାବଲମ୍ବୀ ଭାରତ ଅଭିଯାନର ଜିଲା ସଂଯୋଜକ ପ୍ରଭଞ୍ଜନ ପାଢ଼ୀ, ଗୋପାଳ ନାୟକ, ଅନନ୍ତ ଦାସ, ହେମନ୍ତ ମହାନ୍ତି, ଅନନ୍ତ ଦାସ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।




'ସ୍ୱାବଲମ୍ବୀ ଭାରତ ଅଭିଯାନ' କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

